୩

ମାଟ୍ରିସେସ୍
Matrices

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଜଣେ ଇଂରେଜ ଗଣିତଜ୍ଞ ଆର୍ଥର କେଲେ (1821 – 1895) ଗଣିତ ଶାସ୍ତ୍ରର ନୂତନ ଅଧ୍ୟାୟ ସୃଷ୍ଟି କରେ । ତାହାକୁ ମାଟ୍ରିକ୍ସ୍ କୁହାଗଲା । ସେ ସହସମୀକରଣର ଉପସ୍ଥାପନା ପାଇଁ ମାଟ୍ରିକ୍ସର ବ୍ୟବହାର କଲେ । ଆଜି ମାଟ୍ରିକ୍ସ-ତତ୍ତ୍ୱ ଗଣିତର ଏକ ମହତ୍ତ୍ୱପୂର୍ଣ୍ଣ ଅଂଗରେ ପରିଣତ ହୋଇଛି । କ୍ରୀଡ଼ା-ତତ୍ତ୍ୱ, ବ୍ୟୟ-ବରାଦ, ଉପ-ଉତ୍ପାଦନର ବଜେଟ ପ୍ରସ୍ତୁତିରେ ମାଟ୍ରିକ୍ସର ବ୍ୟବହାର ହେଉଛି । ଅର୍ଥନୈତିକମାନେ ଏହାକୁ ସାମାଜିକ ଲେଖାବିଧି, ନିବେଶ-ନିର୍ଗମ ସାରଣୀ ପ୍ରସ୍ତୁତି ତଥା ଅନ୍ତଃ-ଉଦ୍ୟୋଗ ଅର୍ଥଶାସ୍ତ୍ରରେ ଉପଯୋଗ କରୁଛନ୍ତି । ସହ ସମୀକରଣ ସମାଧାନରେ ମାଟ୍ରିକ୍ସକୁ ବହୁଳ ଭାବରେ ବ୍ୟବହାର କରାଯାଉଅଛି । ଲିନିୟର୍ ପ୍ରୋଗ୍ରାମିଙ୍ଗ୍‌ର ଆଧାର ମାଟ୍ରିକ୍ସ ବୀଜଗଣିତରେ ହିଁ ରହିଛି । ମାଟ୍ରିକ୍ସର ପ୍ରୟୋଗ କେବଳ ଗଣିତ ନୁହେଁ, ବରଂ ପଦାର୍ଥବିଜ୍ଞାନ, ରସାୟନ ବିଜ୍ଞାନ, ଇଂଜିନିୟରିଂ ଲିନିୟର୍ ପ୍ରୋଗ୍ରାମିଂ ଭଳି ବିଷୟରେ ମଧ୍ୟ ଦେଖାଯାଉଅଛି ।

ଏଇ ଅଧ୍ୟାୟରେ ଆମେ ବିସ୍ତୃତ ଭାବରେ ବିଭିନ୍ନ ପ୍ରକାରର ମାଟ୍ରିକ୍ସ ଓ ମାଟ୍ରିକ୍ସରେ ବୀଜଗଣିତୀୟ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରିବା ।

ଉଦ୍ଦେଶ୍ୟ

ଏହ ଅଧ୍ୟାୟର ଅଧ୍ୟୟନ ପରେ ତୁମେ :

- ମାଟ୍ରିକ୍ସ ଓ ମାଟ୍ରିକ୍ସର ସଂଜ୍ଞାପ୍ରକରଣ କରିପାରିବ ଅର୍ଡରର ଏହାର କ୍ରମ ପ୍ରସ୍ତୁତି ଓ ଉଦାହରଣ ଦେଇପାରିବ;
- ବିଭିନ୍ନ ପ୍ରକାରର ମାଟ୍ରିକ୍ସ, ଯଥା ବର୍ଗ (Square), ଆୟତାକୃତି ବିଶିଷ୍ଟ (rectangular), ଏକକ (Unit), ଶୂନ୍ୟ (Zero), କର୍ଣ୍ଣ (diagonal), ଧାଡ଼ି (row), ସ୍ତମ୍ଭ (column) ମାଟ୍ରିକ୍ସର ସଂଜ୍ଞାପ୍ରକରଣ କରିପାରିବ ଓ ଉଦାହରଣ ଦେଇପାରିବ;
- ଦୁଇଟି ମାଟ୍ରିକ୍ସର ସମାନତାର ସର୍ତ୍ତ ବ୍ୟକ୍ତ କରିପାରିବ;
- ମାଟ୍ରିକ୍ସର ପକ୍ଷାନ୍ତରଣ (transpose)ର ସଂଜ୍ଞାକରଣ ତଥା ଉଦାହରଣ ଦେଇପାରିବ;
- ପ୍ରତିସମ (Symmetric) ଓ ବିପ୍ରତିସମ (Skew Mtrix) ର ସଂଜ୍ଞାପ୍ରକରଣ କରିପାରିବ ଓ ଉଦାହରଣ ଦେଇପାରିବ;
- ସମାନ କୋଟି (Order) ଥିବା ଦୁଇଟି ମାଟ୍ରିକ୍ସର ସମଷ୍ଟି ଓ ଅନ୍ତର ନିର୍ଣ୍ଣୟ କରିବ ।
- ଏକ ମାଟ୍ରିକ୍ସକୁ ଅଦିଶ ରାଶି ଦ୍ୱାରା ଗୁଣନ କରିପାରିବ;
- ଦୁଇଟି ମାଟ୍ରିକ୍ସର ଗୁଣନର ସର୍ତ୍ତ ବ୍ୟକ୍ତ କରିପାରିବ ଏବଂ
- ଯେତେବେଳେ ସମ୍ଭବ ଦୁଇଟି ମାଟ୍ରିକ୍ସର ଗୁଣନ କରିପାରିବ ।

ପ୍ରତ୍ୟାଶିତ ପୂର୍ବଜ୍ଞାନ

- ସଂଖ୍ୟା ପଦ୍ଧତିର ଜ୍ଞାନ
- ଏକଘାତୀ ସମୀକରଣର ସମାଧାନ ପଦ୍ଧତି ।

3.1 ମାଟ୍ରିକ୍ସ ଏବଂ ସେମାନଙ୍କର ଉପସ୍ଥାପନ (Matrices and their representation)

ମନେକର ଆମେ ଅନିଲର 6 ଟି ପେନ୍‌ସିଲ ଅଛି, ଏହାକୁ ବ୍ୟକ୍ତ କରିବା ପାଇଁ ଚାହିଁବା । ଆମେ ଏହାକୁ [6] କିମ୍ବା (6) ଲେଖି ବୁଝିବା ଯେ, [ ] କିମ୍ବା () ମଧ୍ୟରେ ଲେଖାଯାଇଥିବା ସଂଖ୍ୟାଟି ଅନିଲ ପାଖରେ ଥିବା ପେନ୍‌ସିଲ ସଂଖ୍ୟାକୁ ଦର୍ଶାଉଛି । ପରେ ମନେକର ଅନିଲର 2 ଟି ବହି ଓ 5 ଟି ପେନ୍‌ସିଲ ଅଛି, ଏହି କଥାକୁ ଆମେ ବ୍ୟକ୍ତ କରିବାକୁ ଚାହିଁବା । ଆମେ ଏହାକୁ [2, 5] ଲେଖି ବୁଝିବା ଯେ, [ ] ଭିତରେ ପ୍ରଥମେ ଲେଖା ଥିବା ସଂଖ୍ୟା ବହି ସଂଖ୍ୟାକୁ ସୂଚାଏ, ଯେତେବେଳେ କି ଦ୍ୱିତୀୟରେ ଲେଖା ଥିବା ସଂଖ୍ୟା ଅନୀଲର ପେନ୍‌ସିଲ ସଂଖ୍ୟାକୁ ସୂଚାଏ ।

ଆସ ଏବେ ଦୁଇବନ୍ଧୁ ଶ୍ୟାମ ଓ ଇରଫାନଙ୍କ ବିଷୟରେ ବିଚାର କରିବା । ଶ୍ୟାମର ଦୁଇଟି ବହି, 4 ଟି ଖାତା ଓ 2 ଟି ପେନ୍ ଅଛି ଏବଂ ଇରଫାନର 3 ଟି ବହି, 5ଟି ଖାତା ଓ 3ଟି ପେନ୍ ଅଛି ।

ଏହି ସୂଚନାର ସୁବିଧାଜନକ ଉପସ୍ଥାପନାର ଉପାୟ ତଳେ ଦିଆଯାଇଥିବା ସାରଣୀରେ ଦେଖାଯାଏ ।

	ବହି	ଖାତା	ପେନ୍
ଶ୍ୟାମ	2	4	2
ଇରଫାନ୍	3	5	3

ଆମେ ସଂକ୍ଷେପରେ ନିମ୍ନମତେ ଲେଖିପାରିବା

	ପ୍ରଥମ ସ୍ତମ୍ଭ ↓	ଦ୍ୱିତୀୟ ସ୍ତମ୍ଭ ↓	ତୃତୀୟ ସ୍ତମ୍ଭ ↓
ପ୍ରଥମ ଧାଡ଼ି	2	4	2
ଦ୍ୱିତୀୟ ଧାଡ଼ି	3	5	3

$$\begin{bmatrix} 2 & 4 & 2 \\ 3 & 5 & 3 \end{bmatrix}$$

ଏହି ପରିପ୍ରକାଶ ନିମ୍ନଲିଖିତ ତଥ୍ୟ ପ୍ରଦାନ କରେ :

1. ପ୍ରଥମ ଓ ଦ୍ୱିତୀୟ ଧାଡ଼ିରେ ଲେଖାଯାଇଥିବା ସଂଖ୍ୟାଗୁଡ଼ିକ ଯଥାକ୍ରମେ ଶ୍ୟାମ ଓ ଇରଫାନଙ୍କ ପାଖରେ ଥିବା ବସ୍ତୁ (ବହି, ଖାତା, ପେନ)ଗୁଡ଼ିକୁ ଦର୍ଶାଏ ।
2. ପ୍ରଥମ, ୨ୟ ଓ ତୃତୀୟ ସ୍ତମ୍ଭରେ ଥିବା ସଂଖ୍ୟା ଗୁଡ଼ିକ ଯଥାକ୍ରମେ ବହି, ଖାତା ଓ ପେନର ସଂଖ୍ୟାକୁ ଦର୍ଶାଏ ।

ଏହିପରି ପ୍ରଥମ ଧାଡ଼ ଓ ତୃତୀୟ ସ୍ତମ୍ଭରେ ଲିଖିତ ସଂଖ୍ୟା ଶ୍ୟାମ ପାଖରେ ଥିବା କଲମ ସଂଖ୍ୟାକୁ ଦର୍ଶାଏ । ଉପରୋକ୍ତ ପ୍ରଦର୍ଶନର ପ୍ରତ୍ୟେକ ସଂଖ୍ୟାକୁ ଏହି ପ୍ରକାରରେ ବାଖ୍ୟା କରାଯାଇପାରେ ।

ଉପରୋକ୍ତ ସୂଚନାକୁ ମଧ୍ୟ ଏଇ ପ୍ରକାରରେ ଉପସ୍ଥାପନ କରାଯାଇପାରେ :

	ଶ୍ୟାମ	ଇରଫାନ
ବହି	2	3
ଖାତା	4	5
କଲମ	2	3

ଏହାକୁ 3 ଗୋଟି ଧାଡ଼ି ଓ 2 ଗୋଟି ସ୍ତମ୍ଭରେ ନିମ୍ନଭାବରେ ପ୍ରକାଶ କରାଯାଇପାରେ ।

$\begin{bmatrix} 2 & 3 \\ 4 & 5 \\ 2 & 3 \end{bmatrix}$ ଏଇ ସଜ୍ଜୀକରଣକୁ ମାଟ୍ରିକସ୍ କୁହାଯାଏ । ଆମେ ମାଟ୍ରିକ୍ସଗୁଡ଼ିକୁ ସାଧାରଣତଃ ଇଂରାଜୀ Capital letter ଯଥା (A, B, X) ଦ୍ୱାରା ନାମିତ କରୁ । ଏହିପରି ଉପରୋକ୍ତ ସୂଚନାକୁ ମାଟ୍ରିକ୍ସ ରୂପରେ ପରିପକ୍ରାଶ ପାଇଁ ଆମେ ଲେଖିବା ।

$$A = \begin{bmatrix} 2 & 3 \\ 4 & 5 \\ 2 & 3 \end{bmatrix} \text{ କିମ୍ବା } \begin{pmatrix} 2 & 3 \\ 4 & 5 \\ 2 & 3 \end{pmatrix}$$

ଟୀକା : Matrix ବହୁବଚନ Matrices

3.1.1 ମାଟ୍ରିକ୍ସର ଅର୍ଡର (Order)

ନିମ୍ନ ମାଟ୍ରିକ୍ସକୁ ଦେଖ (ସଂଖ୍ୟାମାନଙ୍କର ସଜ୍ଜୀକରଣ) :

(a) $\begin{bmatrix} 2 & -1 \\ 3 & 4 \end{bmatrix}$ (b) $\begin{bmatrix} 1 & i \\ i & 1+i \\ 1+i & 1 \end{bmatrix}$ (c) $\begin{bmatrix} 1 & 0 & -1 & -2 \\ 2 & 3 & 4 & 5 \\ 4 & -1 & -2 & 0 \end{bmatrix}$

ମାଟ୍ରିକ୍ସ (a) ରେ ଦୁଇଟି ଧାଡ଼ି ଓ ଦୁଇଟି ସ୍ତମ୍ଭ ଅଛି । ଏହାକୁ 2 – 2 ମାଟ୍ରିକ୍ସ ଅଥବା 2×2 ଅର୍ଡର ଯୁକ୍ତ ମାଟ୍ରିକ୍ସ କୁହାଯାଏ । ଏହାକୁ 2×2 ମାଟ୍ରିକ୍ସ ରୂପେ ଲେଖାଯାଏ । ମାଟ୍ରିକ୍ସ (b) ରେ 3 ଟି ଧାଡ଼ି ଓ 2 ଟି ସ୍ତମ୍ଭ ଅଛି । ଏହାକୁ 3 – 2 ମାଟ୍ରିକ୍ସ ଅଥବା 3×2 ଅର୍ଡର ଯୁକ୍ତ ମାଟ୍ରିକ୍ସ କୁହାଯାଏ । (c) ରେ ଥିବା ମାଟ୍ରିକ୍ସକୁ 3×4 ଅର୍ଡର ଯୁକ୍ତ ମାଟ୍ରିକ୍ସ କୁହାଯାଏ ।

ଟୀକା : ମାଟ୍ରିକ୍ସ୍‌ରେ ଯେକୌଣସି ସଂଖ୍ୟକ ଧାଡ଼ି ଏବଂ ଯେତେ ସଂଖ୍ୟକ ସ୍ତମ୍ଭ ରହିପାରେ । ଯଦି ଏକ ମାଟ୍ରିକ୍ସ୍ A ରେ m ଟି ଧାଡ଼ି ଓ n ଟି ସ୍ତମ୍ଭ ଥାଏ, ଏହାର ଅର୍ଡର (କୋଟି) $m \times n$ ହେବ ଏବଂ ଏହାକୁ $m \times n$ ମାଟ୍ରିକ୍ସ ପଢ଼ାଯାଏ । ....

ଏକ ମାଟ୍ରିକ୍ସର କୌଣସି ଏକ ନିର୍ଦ୍ଦିଷ୍ଟ ଉପାଦାନର ସ୍ଥାନ ନିରୂପଣ କରିବା ପାଇଁ ଦୁଇଟି ସଂକେତ i ଓ j ବ୍ୟବହାର କରାଯାଏ । ଉପରୋକ୍ତ $m \times n$ ଅର୍ଡର ବା କୋଟିଯୁକ୍ତ ମାଟ୍ରିକ୍ସରେ ଏକ ଉପାଦାନ a_{ij} ଟି i ତମ ଧାଡ଼ି ଓ j ତମ ସ୍ତମ୍ଭରେ ଥାଏ ।

$$A = \begin{bmatrix} a_{11} & a_{12} & a_{13} & \ldots a_{1j} & \ldots & a_{1n} \\ a_{21} & a_{22} & a_{23} & \ldots a_{2j} & \ldots & a_{2n} \\ a_{31} & a_{32} & a_{33} & \ldots a_{3j} & \ldots & a_{3n} \\ a_{i1} & a_{i2} & a_{i3} & a_{ij} & \ldots & a_{in} \\ a_{m1} & a_{m2} & a_{m3} & \ldots a_{mj} & \ldots & a_{mn} \end{bmatrix}$$

m ଠ୍n କ୍ରମ ଯୁକ୍ତ ଏକ ମାଟ୍ରିକ୍ସ କୁ ମଧ୍ୟ ନିମ୍ନ ରୂପେ ଲେଖାଯାଇପାରେ ।

$A = [a_{ij}]$, $i = 1, 2, \ldots m$;ଏବଂ $j = 1, 2, \ldots n$

ଉଦାହରଣ 3.1 **ନିମ୍ନଲିଖିତ ମାଟ୍ରିକ୍ସ ମାନଙ୍କର ଅର୍ଡର (କୋଟି) ଲେଖ :**

(i) $\begin{bmatrix} 2 & 3 \\ 4 & 5 \end{bmatrix}$ (ii) $\begin{bmatrix} 3 \\ 4 \\ 7 \end{bmatrix}$ (iii) $[2 \ 3 \ 7]$ (iv) $\begin{bmatrix} 1 & 2 & 3 \\ 4 & 8 & 10 \end{bmatrix}$

ସମାଧାନ : ମାଟ୍ରିକ୍ସମାନଙ୍କ ଅର୍ଡର ବା କୋଟି

(i) 2×2 ଅଟେ

(ii) 3×1 ଅଟେ

(iii) 1×3 ଅଟେ

(iv) 2×3 ଅଟେ

ଉଦାହରଣ 3.2 ମାଟ୍ରିକ୍ସ

$$A = \begin{bmatrix} 2 & 0 & 1 & 4 \\ 0 & 3 & 2 & 5 \\ 3 & 2 & 3 & 6 \end{bmatrix} \text{ ପାଇଁ}$$

(i) A ର କୋଟି ନିର୍ଣ୍ଣୟ କର ।

(ii) A ରେ ଥିବା ମୋଟ ଉପାଦାନ ସଂଖ୍ୟା ଲେଖ ।

(iii) A ର a_{23}, a_{32}, a_{14} ଏବଂ a_{34} ଉପାଦାନଗୁଡ଼ିକୁ ଲେଖ ।

(iv) A ର ପ୍ରତ୍ୟେକ ଉପାଦାନ 3 କୁ a_{ij} ରୂପରେ ପ୍ରକାଶ କର ।

ସମାଧାନ :

(i) ଯେହେତୁ A ର 3 ଟି ଧାଡ଼ି ଓ 4 ଟି ସ୍ତମ୍ଭ ଅଛି, ତେଣୁ A ର କୋଟି 3×4

(ii) A ର ଉପାଦାନ ସଂଖ୍ୟା $3 \times 4 = 12$

(iii) $a_{23} = 2$; $a_{32} = 2$; $a_{14} = 4$ ଏବଂ $a_{34} = 6$

(iv) a_{22}, a_{31} ଏବଂ a_{33}

ଉଦାହରଣ 3.3 ଯଦି 2×3 କୋଟୀ ଯୁକ୍ତ ମାଟ୍ରିକ୍ସ A ର i ତମ ଧାଡ଼ି ଓ j ତମ ସ୍ତମ୍ଭରେ ଥିବା ଉପାଦାନଟି $\frac{i+2j}{2}$ ହୁଏ,

ତେବେ ମାଟ୍ରିକ୍ସ A କୁ ଲେଖ :

ସମାଧାନ : ଏଠାରେ $a_{ij} = \frac{i+2j}{2}$ (ଦତ୍ତ)

$$a_{11} = \frac{1+2\times1}{2} = \frac{3}{2};\ a_{12} = \frac{1+2\times2}{2} = \frac{5}{2};\ a_{13} = \frac{1+2\times3}{2} = \frac{7}{2}$$

$$a_{21} = \frac{2+2\times1}{2} = 2;\ a_{22} = \frac{2+2\times2}{2} = 3;\ a_{23} = \frac{2+2\times3}{2} = 4$$

ଏହିପରି $A = \begin{bmatrix} a_{11} & a_{12} & a_{13} \\ a_{21} & a_{22} & a_{23} \end{bmatrix} = \begin{bmatrix} \frac{3}{2} & \frac{5}{2} & \frac{7}{2} \\ 2 & 3 & 4 \end{bmatrix}$

ଉଦାହରଣ 3.4 ଦୁଇଟି ଭଣ୍ଡାର A ଓ B ଅଛି । ଭଣ୍ଡାର A ରେ, 120 ଟି ସାର୍ଟ, 100 ଟି ଟ୍ରାଉଜର ଓ 50 ଟି କାର୍ଡ଼ିଗନ ଅଛି ଏବଂ ଭଣ୍ଡର B ରେ, 200 ଟି ସାର୍ଟ, 150 ଟି ଟ୍ରାଉଜର ଓ 100 ଟି କାର୍ଡ଼ିଗନ୍ ଅଛି । ଏହାକୁ ଦୁଇଟି ଭିନ୍ନ ଉପାୟରେ ସାରଣୀରେ ପ୍ରକାଶ କର ଏବଂ ମାଟ୍ରିକ୍ସ ରୂପରେ ମଧ ପ୍ରକାଶ କର ।

ସମାଧାନ :

ସାରଣୀ ରୂପ 1

	ସାର୍ଟ	ଟ୍ରାଉଜରସ୍	କାର୍ଡ଼ିଗନ
ଭଣ୍ଡାର A	120	100	50
ଭଣ୍ଡାର B	200	150	100

ମାଟ୍ରିକ୍ସ ରୂପ $\begin{bmatrix} 120 & 100 & 50 \\ 200 & 150 & 100 \end{bmatrix}$

ସାରଣୀ ରୂପ

	ଭଣ୍ଡାର A	ଭଣ୍ଡାର B
ସାର୍ଟ	120	200
ଟ୍ରାଉଜର	100	150
କାର୍ଡ଼ିଗନ	50	100

ମାଟ୍ରିକ୍ସ ରୂପ $\begin{bmatrix} 120 & 200 \\ 100 & 150 \\ 50 & 100 \end{bmatrix}$

ଆସ ନିଜେ ନିଜକୁ ପରଖିବା 3.1

1. ପାର୍ଶ୍ୱସ୍ଥ ସାରଣୀରେ ଦୁଇଜଣ ବିଦ୍ୟାର୍ଥୀ A ଓ B ତିନିଟି ପରୀକ୍ଷାରେ ରଖିଥିବା ନମ୍ବର ଦିଆଯାଇଛି । ଏହି ସୂଚନାକୁ ଦୁଇଟି ଭିନ୍ନ ଉପାୟରେ ମାଟ୍ରିକ୍ସ ରୂପରେ ଲେଖ ।

	ଟେଷ୍ଟ-1	ଟେଷ୍ଟ-2	ଟେଷ୍ଟ-3
A	56	65	71
B	29	37	57

ମଡ୍ୟୁଲ-I
ବୀଜଗଣିତ

ଟିପ୍ପଣୀ

2. ତିନିଗୋଟି ଫାର୍ମ X, Y, Z ଏକ ଠିକାଦାରକୁ ଯଥାକ୍ରମେ 40, 35 ଓ 25 ଟ୍ରକ ପଥର ଏବଂ 10, 5 ଏବଂ 8 ଟ୍ରକ ବାଲି ଯୋଗାଇଲେ । ଏହି ସୂଚନାକୁ ଦୁଇଟି ଭିନ୍ନ ଉପାୟରେ ମାଟ୍ରିକ୍ସ ରୂପରେ ପରିପ୍ରକାଶ କର ।

3. ଏକ ପରିବାର P ରେ 4 ଜଣ ପୁରୁଷ, 6 ଜଣ ସ୍ତ୍ରୀ ଲୋକ ଓ 3 ଜଣ ଶିଶୁ ଅଛନ୍ତି ଏବଂ ଅନ୍ୟ ଏକ ପରିବାର Q ରେ 4 ଜଣ ପୁରୁଷ, 3 ଜଣ ସ୍ତ୍ରୀ ଲୋକ ଏବଂ 5 ଜଣ ଶିଶୁ ଅଛନ୍ତି । ଏହି ସୂଚନାକୁ 2×3 କୋଟି ବିଶିଷ୍ଟ ମାଟ୍ରିକ୍ସ ରୂପରେ ପ୍ରକାଶ କର ।

4. କେଉଁଟିରେ କେତୋଟି ଉପାଦାନ ଅଛି ?

(a) 2×3 ମାଟ୍ରିକ୍ସ (b) 3×4 ମାଟ୍ରିକ୍ସ (c) 4×2 ମାଟ୍ରିକ୍ସ

(d) 6×2 ମାଟ୍ରିକ୍ସ (e) $a \times b$ ମାଟ୍ରିକ୍ସ (f) $m \times n$ ମାଟ୍ରିକ୍ସ

5. ମାଟ୍ରିକ୍ସର ସମ୍ଭାବ୍ୟ କୋଟୀ କ'ଣ ହୋଇପାରେ ଯଦି ଏହାର ଉପାଦାନ ସଂଖ୍ୟା ହୁଏ

(a) 8 (b) 5 (c) 12 (d) 16

6. ମାଟ୍ରିକ୍ସ A ରେ

$$A = \begin{bmatrix} 5 & 1 & 8 & 0 & 5 \\ 7 & 6 & 7 & 4 & 6 \\ 3 & 9 & 3 & -3 & 9 \\ 4 & 4 & 8 & 5 & 1 \end{bmatrix}$$

ନିର୍ଣ୍ଣୟ କର :

(a) ଧାଡ଼ି ସଂଖ୍ୟା;

(b) ସ୍ତମ୍ଭ ସଂଖ୍ୟା;

(c) ମାଟ୍ରିକ୍ସ A ର କୋଟି;

(d) ମାଟ୍ରିକ୍ସ A ର ମୋଟ ଉପାଦାନ ସଂଖ୍ୟା;

(e) ଉପାଦାନ a_{14}, a_{23}, a_{34}, a_{45}, a_{33}

7. 3×3 ମାଟ୍ରିକ୍ସ ଗଠନ କର ଯାହାର i ତମ ଧାଡ଼ି ଓ j ତମ ସ୍ତମ୍ଭରେ ଥିବା ଉପାଦାନ ହୁଏ :

(a) $i - j$ (b) $\frac{i^2}{j}$ (c) $\frac{(i+2j)^2}{2}$ (e) $3j - 2i$

8. 3×2 ମାଟ୍ରିକ୍ସ ଗଠନ କର ଯାହାର i ତମ ଧାଡ଼ି ଓ j ତମ ସ୍ତମ୍ଭର ଉପାଦାନ ହେଲା :

(a) $i + 3j$ (b) $5 \cdot i \cdot j$ (c) i^j (d) $i + j - 2$

3.2 ମାଟ୍ରିକ୍ସର ପ୍ରକାର ଭେଦ (Types of Matrix)

ଧାଡ଼ି ମାଟ୍ରିକ୍ସ : ଯଦି ଏକ ମାଟ୍ରିକ୍ସର କେବଳ ଗୋଟିଏ ଧାଡ଼ି ଥାଏ, ତାହାକୁ ଧାଡ଼ି ମାଟ୍ରିକ୍ସ କୁହାଯାଏ । ଏହାର ଯେକୌଣସି ସଂଖ୍ୟକ ସ୍ତମ୍ଭ ରହିପାରେ । ଯଥା [1, 6, 0, 12] ଗୋଟିଏ ଧାଡ଼ି ମାଟ୍ରିକ୍ସ୍ (Row Matrix) ।

ଧାଡ଼ି ମାଟ୍ରିକ୍ସର କୋଟି $(1 \times n)$ ଅଟେ ।

ସ୍ତମ୍ଭ ମାଟ୍ରିକ୍ସ : ଯଦି ଗୋଟିଏ ମାଟ୍ରିକ୍ସର କେବଳ ଗୋଟିଏ ସ୍ତମ୍ଭ ଥାଏ, ମାତ୍ର ଧାଡ଼ି ସଂଖ୍ୟା ଯାହାକିଛି ହୋଇପାରେ ତାହାକୁ **ସ୍ତମ୍ଭ ମାଟ୍ରିକ୍ସ** କୁହାଯାଏ । ଯଥା $\begin{bmatrix} 2 \\ 3 \\ 0 \\ 7 \end{bmatrix}$ ଏକ ସ୍ତମ୍ଭ ମାଟ୍ରିକ୍ସ (Column Matrix) ।

ସ୍ତମ୍ଭ ମାଟ୍ରିକ୍ସର କୋଟି $m \times 1$ ଅଟେ ।

ବର୍ଗ ମାଟ୍ରିକ୍ସ : ଯେଉଁ ମାଟ୍ରିକ୍ସର ଧାଡ଼ି ସଂଖ୍ୟା ଓ ସ୍ତମ୍ଭ ସଂଖ୍ୟା ସମାନ, ତାକୁ **ବର୍ଗ ମାଟ୍ରିକ୍ସ** କୁହାଯାଏ । ଯଥା, $\begin{bmatrix} 1 & 2 & 3 \\ 0 & 6 & 1 \\ 3 & 4 & 2 \end{bmatrix}$ ମାଟ୍ରିକ୍ସଟି 3 ଟି ଧାଡ଼ି ଓ 3 ଟି ସ୍ତମ୍ଭ ଯୁକ୍ତ ବର୍ଗ ମାଟ୍ରିକ୍ସ । ଏକ ବର୍ଗ ମାଟ୍ରିକ୍ସର କୋଟି $n \times n$ ଅଟେ, ଅଥବା, କେବଳ n ଅଟେ । ଗୋଟିଏ ବର୍ଗ ମାଟ୍ରିକ୍ସର ସବୁଠାରୁ ବାମପାର୍ଶ୍ୱର ଉପର ଉପାଦାନ ଠାରୁ ଆରମ୍ଭ ହୋଇ ସବୁଠାରୁ ଦକ୍ଷିଣପାର୍ଶ୍ୱର ତଳ ଉପାଦାନ ପର୍ଯ୍ୟନ୍ତ ବିସ୍ତୃତ କର୍ଣ୍ଣକୁ ଉକ୍ତ ମାଟ୍ରିକ୍ସର ମୁଖ୍ୟ କର୍ଣ୍ଣ କହନ୍ତି ।

$\begin{bmatrix} 2 & 3 & 5 \\ 4 & 1 & 7 \\ 3 & 8 & 9 \end{bmatrix}$ ମାଟ୍ରିକ୍ସର ମୁଖ୍ୟ କର୍ଣ୍ଣର ଉପାଦାନ 2, 1 ଓ 9 ଅଟେ ।

ଟୀକା : ଯେକୌଣସି ଦତ୍ତ ମାଟ୍ରିକ୍ସ $A = [a_{ij}]$ ର କୋଟି $m \times n$ ରେ, ମୁଖ୍ୟ କର୍ଣ୍ଣର ଉପାଦାନ ଗୁଡ଼ିକ ହେବେ $a_{11}, a_{22}, a_{33} \ldots a_{nn}$ ।

ଆୟତାକୃତି ବିଶିଷ୍ଟ ମାଟ୍ରିକ୍ସ : ଯେଉଁ ମାଟ୍ରିକ୍ସର ଧାଡ଼ି ସଂଖ୍ୟା ଓ ସ୍ତମ୍ଭ ସଂଖ୍ୟା ସମାନ ନୁହେଁ, ତାକୁ ଆୟତାକୃତି ବିଶିଷ୍ଟ ମାଟ୍ରିକ୍ସ (Rectangular Matrix) କୁହାଯାଏ । ଯଥା

$\begin{bmatrix} 2 & 3 & 4 & 5 \\ 1 & 2 & 3 & 0 \\ -1 & 2 & 1 & 3 \end{bmatrix}$ ମାଟ୍ରିକ୍ସରେ 3 ଟି ଧାଡ଼ି ଓ 4 ଟି ସ୍ତମ୍ଭ ଅଛି । ଏହା ଏକ ଆୟତାକୃତି ବିଶିଷ୍ଟ ମାଟ୍ରିକ୍ସ ।

ଏହା ଲକ୍ଷ୍ୟ କରାଯାଇପାରେ ଯେ ଏକ ଧାଡ଼ି-ମାଟ୍ରିକ୍ସ ଯାହାର ଅର୍ଡର ହେଉଛି $1 \times n$ $(n \neq 1)$ ଏବଂ ଏକ ସ୍ତମ୍ଭ ମାଟ୍ରିକ୍ସ, ଯାହାର ଅର୍ଡର ହେଉଛି $m \times 1$ $(m \neq 1)$ ।

ଶୂନ-ମାଟ୍ରିକ୍ସ : ଯେଉଁ ମାଟ୍ରିକ୍ସର ପ୍ରତ୍ୟେକ ଉପାଦାନ ଶୂନ, ତାହାକୁ ଶୂନ ମାଟ୍ରିକ୍ସ (Zero ବା Null Matrix) କୁହାଯାଏ ।

ଯଥା ନିମ୍ନସ୍ଥ ପ୍ରତ୍ୟେକ ମାଟ୍ରିକ୍ସ ଗୋଟିଏ ଗୋଟିଏ ଶୂନ-ମାଟ୍ରିକ୍ସ (Zero ବା Null Matrix) ।

$$[0,0], \begin{bmatrix} 0 & 0 \\ 0 & 0 \end{bmatrix}, \begin{bmatrix} 0 & 0 & 0 \\ 0 & 0 & 0 \end{bmatrix}, \begin{bmatrix} 0 & 0 \\ 0 & 0 \\ 0 & 0 \end{bmatrix}, \begin{bmatrix} 0 & 0 & 0 \\ 0 & 0 & 0 \\ 0 & 0 & 0 \end{bmatrix}$$

ଶୂନମାଟ୍ରିକ୍‌କୁ 0 ଦ୍ୱାରା ସୂଚିତ କରାଯାଏ ।

ଟୀକା : ଶୂନ ମାଟ୍ରିକ୍‌ସ ଯେକୌଣସି କୋଟି $m \times n$ ବିଶିଷ୍ଟର ହୋଇପାରେ ।

କର୍ଣ୍ଣ ମାଟ୍ରିକ୍‌ସ : ଯେଉଁ ବର୍ଗ ମାଟ୍ରିକ୍‌ସର ମୁଖ୍ୟ କର୍ଣ୍ଣ ଉପରିସ୍ଥ ଉପାଦାନ ବ୍ୟତୀତ ଅନ୍ୟ ସମସ୍ତ ଉପାଦାନ ଶୂନ ଅଟେ, ତାହାକୁ କର୍ଣ୍ଣ ମାଟ୍ରିକ୍‌ସ କୁହାଯାଏ । ଅର୍ଥାତ୍, ଯଦି $A = [a_{ij}]$ $n \times n$ କୋଟିଯୁକ୍ତ ଏକ ବର୍ଗ ମାଟ୍ରିକ୍‌ସ ହୁଏ, ତେବେ ଏହାକୁ କର୍ଣ୍ଣ ମାଟ୍ରିକ୍‌ସ (Diagonal Matrix) କୁହାଯିବ ଯଦି ସମସ୍ତ $i \neq j$ ପାଇଁ $a_{ij} = 0$ ହୁଏ ।

ଉଦାହରଣ ସ୍ୱରୂପ,

$$\begin{bmatrix} 3 & 0 & 0 \\ 0 & 4 & 0 \\ 0 & 0 & 5 \end{bmatrix}, \begin{bmatrix} 7 & 0 & 0 & 0 \\ 0 & 3 & 0 & 0 \\ 0 & 0 & 1 & 0 \\ 0 & 0 & 0 & 8 \end{bmatrix}$$ ପ୍ରତ୍ୟେକ ଗୋଟିଏ ଗୋଟିଏ କର୍ଣ୍ଣ ମାଟ୍ରିକ୍‌ସ ।

ଟୀକା : ଏକ କର୍ଣ୍ଣ-ମାଟ୍ରିକ୍‌ସ $A = [a_{ij}]_{m \times n}$ କୁ $A =$ କର୍ଣ୍ଣ $[a_{11}, a_{22}, a_{33} \ldots a_{nn}]$ ମଧ୍ୟ ଲେଖାଯାଇପାରେ ।

ଅଦିଶ ମାଟ୍ରିକ୍‌ସ : ଏକ କର୍ଣ୍ଣ-ମାଟ୍ରିକ୍‌ସର ମୁଖ୍ୟ କର୍ଣ୍ଣର ସମସ୍ତ ଉପାଦାନ କୌଣସି ଅଣଶୂନ୍ୟ ଧ୍ରୁବକ k ସହ ସମାନ ହେଲେ, ଏହାକୁ ଅଦିଶ ମାଟ୍ରିକ୍‌ସ (Scalar Matrix) କୁହାଯାଏ ।

ଯଥା, $\begin{bmatrix} -3 & 0 & 0 \\ 0 & -3 & 0 \\ 0 & 0 & -3 \end{bmatrix}$ ଗୋଟିଏ ଅଦିଶ ମାଟ୍ରିକ୍‌ସ (Scalar Matrix) ।

ଟୀକା : ଏକ ବର୍ଗ ଶୂନ-ମାଟ୍ରିକ୍‌ସ ଅଦିଶ ମାଟ୍ରିକ୍‌ସ ନୁହଁ ।

ଏକକ ବା ଅଭେଦ ମାଟ୍ରିକ୍‌ସ : ଏକ ଅଦିଶ-ମାଟ୍ରିକ୍‌ସର ମୁଖ୍ୟ କର୍ଣ୍ଣର ସମସ୍ତ ଉପାଦାନ 'ଏକ' ହେଲେ, ଏହାକୁ ଏକକ ବା ଅଭେଦ ମାଟ୍ରିକ୍‌ସ (Unit ବା Identity Matrix) କୁହାଯାଏ । ଏହାକୁ I_n ଦ୍ୱାରା ସୂଚିତ କରାଯାଏ, ଯଦି ଏହାର କୋଟି n ଅଟେ । ଯଥା –

$$\begin{bmatrix} 1 & 0 & 0 \\ 0 & 1 & 0 \\ 0 & 0 & 1 \end{bmatrix}$$

ଗୋଟିଏ 3 କୋଟିଯୁକ୍ତ ଏକକ ମାଟ୍ରିକ୍‌ସ ।

ଟୀକା : ଏକ ବର୍ଗ ମାଟ୍ରିକ୍ସ $A = [a_{ij}]$ ଏକ ଏକକ ମାଟ୍ରିକ୍ସ

ଯଦି, $= a_{ij} \begin{cases} 0, & i \neq j \\ 1, & i = j \end{cases}$

ସମାନ ମାଟ୍ରିକ୍ସ : ଯଦି ଦୁଇଟି ମାଟ୍ରିକ୍ସର କୋଟି ସମାନ ଏବଂ ସେମାନଙ୍କର ଅନୁରୂପ ଉପାଦାନମାନ ସମାନ, ତେବେ ସେଗୁଡ଼ିକୁ ସମାନ ମାଟ୍ରିକ୍ସ (Equal Matrix) କୁହାଯାଏ ।

ଯଦି A, $m \times n$ କୋଟି ଯୁକ୍ତ ମାଟ୍ରିକ୍ସ ଏବଂ B, $p \times r$ କୋଟି ଯୁକ୍ତ ମାଟ୍ରିକ୍ସ, ତେବେ $A = B$ ହେବ ଯଦି

(1) $m = p; n = r$ ଏବଂ

(2) $a_{ij} = b_{ij}$, ସମସ୍ତ $i = 1, 2, 3 \ldots m$ ଏବଂ $j = 1, 2, 3, \ldots n$ ପାଇଁ ।

ନିମ୍ନରେ ପ୍ରଦତ୍ତ ମାଟ୍ରିକ୍ସ X ଓ Y ସମାନ ନୁହଁନ୍ତି, ଯେହେତୁ ସେଗୁଡ଼ିକ ଅସମାନ କୋଟି ଯୁକ୍ତ, ପ୍ରଥମର କୋଟି 2×3 ଏବଂ ଦ୍ୱିତୀୟର 3×2 ଅଟେ ।

$$X = \begin{bmatrix} 7 & 1 & 3 \\ 2 & 1 & 5 \end{bmatrix}, Y = \begin{bmatrix} 7 & 2 \\ 1 & 1 \\ 3 & 5 \end{bmatrix}$$

ନିମ୍ନସ୍ଥ ମାଟ୍ରିକ୍ସ P ଓ Q ମଧ୍ୟ ସମାନ ନୁହଁନ୍ତି, ଯେହେତୁ P ଓ Q ର ଅନୁରୂପ ଉପାଦାନ ସମାନ ନୁହେଁ ।

$$P = \begin{bmatrix} -1 & 3 & 7 \\ 0 & 1 & 2 \end{bmatrix}, Q = \begin{bmatrix} -1 & 3 & 6 \\ 0 & 2 & 1 \end{bmatrix}$$

ଉଦାହରଣ 3.5 ନିମ୍ନଲିଖିତ ମାଟ୍ରିକ୍ସଦ୍ୱୟ ସମାନ ସମାନ କି ସମାନ ନୁହେଁ ନିର୍ଣ୍ଣୟ କର :

(i) $A = \begin{bmatrix} 2 & 1 \\ 5 & 6 \end{bmatrix}, B = \begin{bmatrix} 2 & 5 \\ 1 & 6 \end{bmatrix}$

(ii) $P = \begin{bmatrix} 0 & 1 & 7 \\ 2 & 3 & 5 \end{bmatrix}, Q = \begin{bmatrix} 0 & 1 & 7 \\ 2 & 3 & 5 \\ 0 & 0 & 0 \end{bmatrix}$

(iii) $X = \begin{bmatrix} 2 & 1 & 3 \\ -1 & 0 & 6 \\ 7 & 1 & 0 \end{bmatrix}, y = \begin{bmatrix} 2 & 1 & 3 \\ -1 & 0 & 6 \\ 7 & 1 & 0 \end{bmatrix}$

ସମାଧାନ : (i) A ଓ B ମାଟ୍ରିକ୍ସ ଗୁଡ଼ିକ ସମାନ କୋଟି 2×2 ଯୁକ୍ତ କିନ୍ତୁ କେତେକ ଅନୁରୂପ ଉପାଦାନ ସମାନ ନୁହଁନ୍ତି । ତେଣୁ $A \neq B$

(ii) P ଓ Q ମାଟ୍ରିକ୍ସ୍ ଦ୍ୱୟ ଭିନ୍ନ କୋଟି ଯୁକ୍ତ, ତେଣୁ $P \neq Q$ ।

(iii) X ଓ Y ମାଟ୍ରିକ୍ସ ଦ୍ୱୟ ସମାନ କ୍ରମ 3×3 ଯୁକ୍ତ ଏବଂ ସେମାନଙ୍କର ଅନୁରୂପ ଉପାଦାନ ସମାନ । ତେଣୁ $X = Y$ ।

ଉଦାହରଣ 3.6 x ଓ y ର ମୂଲ୍ୟ ନିର୍ଦ୍ଧାରଣ କର, ଯଦି

(i) $[x, 5] = [2, 5]$ (ii) $\begin{bmatrix} x \\ 3 \end{bmatrix} = \begin{bmatrix} 4 \\ y \end{bmatrix}$ (iii) $\begin{bmatrix} x & 2 \\ 3 & -y \end{bmatrix} = \begin{bmatrix} 1 & 2 \\ 3 & 5 \end{bmatrix}$

ସମାଧାନ : ଯେହେତୁ ମାଟ୍ରିକ୍ସ ଦ୍ୱୟ ସମାନ, ସେମାନଙ୍କର ଅନୁରୂପ ଉପାଦାନ ସମାନ ହେବା ଉଚିତ୍ ।

(i) $x = 2$

(ii) $x = 4, \ y = 3$

(iii) $x = 1, y = -5$

ଉଦାହରଣ 3.7 a, b, c ଓ d ର କେଉଁ ମୂଲ୍ୟପାଇଁ ନିମ୍ନଲିଖିତ ମାଟ୍ରିକ୍ସ ଦ୍ୱୟ ସମାନ ?

(i) $A = \begin{bmatrix} a & -2 & 2b \\ 6 & 3 & d \end{bmatrix}, B = \begin{bmatrix} 1 & -2 & 4 \\ 6 & 5c & 2 \end{bmatrix}$

(ii) $P = \begin{bmatrix} a & b-2d \\ -3 & 2b \\ a+c & 7 \end{bmatrix}, Q = \begin{bmatrix} 5 & 1 \\ -3 & 6 \\ 4 & 7 \end{bmatrix}$

ସମାଧାନ : (i) A ଓ B ଦତ୍ତ ମାଟ୍ରିକ୍ସ ଦ୍ୱୟ ସମାନ ହେବେ କେବଳ ଯଦି ସେମାନଙ୍କର ଅନୁରୂପ ଉପାଦାନ ସମାନ ହୁଅନ୍ତି । ଯଥା, ଯଦି

$a = 1, 2b = 4, 3 = 5c$ ଏବଂ $d = 2$

$\Rightarrow a = 1, b = 2, c = \frac{3}{5}$ ଏବଂ $d = 2$

ଏହିପରି $a = 1, b = 2, c = \frac{3}{5}$ ଏବଂ $d = 2$ ପାଇଁ ମାଟ୍ରିକ୍ସ A ଓ B ସମାନ ।

(ii) ଦତ୍ତ ମାଟ୍ରିକ୍ସ P ଓ Q ସମାନ ହେବ, ଯଦି ସେମାନଙ୍କର ଅନୁରୂପ ଉପାଦାନ ଗୁଡ଼ିକ ସମାନ ହୁଅନ୍ତି, ଯଥା ଯଦି

$a = 5, b - 2d = 1, 2b = 6$ ଏବଂ $a + c = 4$

$\Rightarrow a = 5, b = 3, c = -1$ ଏବଂ $d = 1$

ଏହିପରି, $a = 5, b = 3, c = -1$ ଏବଂ $d = 1$ ପାଇଁ P ଓ Q ମାଟ୍ରିକ୍ସ ଦ୍ୱୟ ସମାନ ହେବେ ।

ଆସ ନିଜେ ନିଜକୁ ପରଖିବା 3.2

1. ନିମ୍ନଲିଖିତ କେଉଁ ମାଟ୍ରିକ୍ସଗୁଡ଼ିକ

(a) ଧାଡ଼ି-ମାଟ୍ରିକ୍ସ (b) ସ୍ତମ୍ଭ-ମାଟ୍ରିକ୍ସ (c) ବର୍ଗ-ମାଟ୍ରିକ୍ସ

(d) କର୍ଣ୍ଣ-ମାଟ୍ରିକ୍ସ (e) ଅଦିଶ-ମାଟ୍ରିକ୍ସ (f) ଅଭେଦ-ମାଟ୍ରିକ୍ସ

(g) ଶୂନ-ମାଟ୍ରିକ୍ସ

$$A = \begin{bmatrix} 4 & 0 & 0 \\ 0 & 5 & 0 \\ 0 & 0 & 6 \end{bmatrix}, B = \begin{bmatrix} 2 \\ 7 \\ 8 \\ 0 \end{bmatrix}, C = \begin{bmatrix} 0 & 0 & 0 \\ 0 & 0 & 0 \end{bmatrix}, D = \begin{bmatrix} 2 & 0 \\ 0 & 2 \end{bmatrix}$$

$$E = \begin{bmatrix} 1 & 2 & 4 \\ 3 & 9 & 8 \\ 1 & 0 & 2 \end{bmatrix}, F = \begin{bmatrix} 1 & 0 & 0 \\ 0 & 1 & 0 \\ 0 & 0 & 1 \end{bmatrix}$$

$$G = \begin{bmatrix} 3 & 4 & 10 & 8 \end{bmatrix}, H = \begin{bmatrix} 2 & 3 & 7 \\ 1 & 4 & 9 \end{bmatrix}, I = \begin{bmatrix} 2 & -1 \\ 3 & 2 \\ -1 & 0 \end{bmatrix}$$

2. a, b, c ଓ d ର ମାନ ନିର୍ଣ୍ଣୟ କର, ଯଦି

(a) $\begin{bmatrix} b & 2c \\ b+d & c-2a \end{bmatrix} = \begin{bmatrix} 10 & 12 \\ 8 & 2 \end{bmatrix}$

(b) $\begin{bmatrix} a+2 & 4 \\ b+3 & 25 \end{bmatrix} = \begin{bmatrix} 4 & 2c \\ 6 & 5d \end{bmatrix}$

(c) $\begin{bmatrix} 2a & b \\ -4 & 6 \end{bmatrix} = \begin{bmatrix} 3 & -2 \\ d & 3c \end{bmatrix}$

3. $\times 2$ କୋଟି ଯୁକ୍ତ ଏକ ମାଟ୍ରିକ୍ସ, 2×1 କୋଟି ଯୁକ୍ତ ଏକ ମାଟ୍ରିକ୍ସ ସହ ସମାନ ହୋଇପାରିବ କି ?

4. 2×3 କୋଟି ଯୁକ୍ତ ଏକ ମାଟ୍ରିକ୍ସ, 3×3 କୋଟି ଯୁକ୍ତ ଏକ ମାଟ୍ରିକ୍ସ ସହ ସମାନ ହୋଇପାରିବ କି ?

3.3 ଏକ ମାଟ୍ରିକ୍ସର ଟ୍ରାନ୍ସପୋଜ୍ (Transpose of a Matrix)

ପ୍ରତ୍ୟେକ ଦତ୍ତ ମାଟ୍ରିକ୍ସର ଅନ୍ୟ ଏକ ସହଯୋଗୀ ମାଟ୍ରିକ୍ସ ଅଛି ଯାହାକୁ ପୂର୍ବୋକ୍ତ ମାଟ୍ରିକ୍ସର ଟ୍ରାନସପୋଜ୍ ମାଟ୍ରିକ୍ସ କୁହାଯାଏ । ଏକ ମାଟ୍ରିକ୍ସ A ର ଧାଡ଼ି ଓ ସ୍ତମ୍ଭକୁ ପରସ୍ପର ମଧ୍ୟରେ ପରିବର୍ତ୍ତନ କଲେ, ଯେଉଁ ମାଟ୍ରିକ୍ସ ମିଳେ, ତାହାକୁ A ର ଟ୍ରାନସ୍ପୋଜ ମାଟ୍ରିକ୍ସ କୁହାଯାଏ । ଏହାକୁ A' ଦ୍ୱାରା ସୂଚିତ କରାଯାଏ ।

ଯଥା :

$$\text{ଯଦି } A = \begin{bmatrix} 1 & 2 & -3 \\ 4 & 0 & 3 \\ 7 & 6 & 1 \end{bmatrix}, \text{ ତେବେ } A' = \begin{bmatrix} 1 & 4 & 7 \\ 2 & 0 & 6 \\ -3 & 3 & 1 \end{bmatrix}$$

ସାଧାରଣ ଭାବରେ, ଯଦି $A = [a_{ij}]$ ଏକ $m \times n$ ମାଟ୍ରିକ୍ସ ହୁଏ, ତେବେ A ର ଟ୍ରାନସପୋଜ୍ A', $n \times m$ ମାଟ୍ରିକ୍ସ ହେବ ଏବଂ A ର (a_{ij}) ତମ ଉପାଦାନ = A' ର (a_{ji}) ତମ ଉପାଦାନ ।

3.3.1 ପ୍ରତିସମ ମାଟ୍ରିକ୍ସ (Symmetric Matrix)

ଏକ ବର୍ଗ ମାଟ୍ରିକ୍ସ A କୁ ଏକ ପ୍ରତିସମ ମାଟ୍ରିକ୍ସ କୁହାଯିବ ଯଦି $A' = A$

ଉଦାହରଣ ସ୍ୱରୂପ

$$\text{ଯଦି } A = \begin{bmatrix} 2 & 3i & 1-i \\ 3i & 4 & 2i \\ 1-i & 2i & 5 \end{bmatrix}, \text{ ତେବେ } A' = \begin{bmatrix} 2 & 3i & 1-i \\ 3i & 4 & 2i \\ 1-i & 2i & 5 \end{bmatrix}$$

$\because A' = A$ ତେଣୁ A ଏକ ପ୍ରତିସମ ମାଟିକ୍ରସ୍ ।

ଟୀକା : (1) ଏକ ପ୍ରତିସମ ମାଟ୍ରିକ୍ସ $A = [a_{ij}]_{n \times n}$ ରେ ପ୍ରତ୍ୟେକ i ଓ j ପାଇଁ $a_{ij} = a_{ji}$

(2) ଏକ ଆୟତାକୃତି ବିଶିଷ୍ଟ ମାଟ୍ରିକ୍ସ କେବେ ବି ପ୍ରତିସମ ହୋଇପାରିବ ନାହିଁ ।

3.3.2 ବିପ୍ରତିସମ ମାଟ୍ରିକ୍ସ (Skew-symmetric Matrix)

ଗୋଟିଏ ବର୍ଗ ମାଟ୍ରିକ୍ସ A କୁ ଏକ ବିପ୍ରତିସମ ମାଟ୍ରିକ୍ସ୍ କୁହାଯିବ ଯଦି $A' = -A$, ଅର୍ଥାତ୍ ସମସ୍ତ i ଓ j ପାଇଁ $a_{ij} = -a_{ji}$

ଉଦାହରଣ ସ୍ୱରୂପ,

$$\text{ଯଦି } A = \begin{bmatrix} 0 & c & d \\ -c & 0 & f \\ -d & -f & 0 \end{bmatrix}, \text{ ତେବେ } A' = \begin{bmatrix} 0 & -c & -d \\ c & 0 & -f \\ d & f & 0 \end{bmatrix}$$

କିନ୍ତୁ $-A = \begin{bmatrix} 0 & -c & -d \\ c & 0 & -f \\ d & f & 0 \end{bmatrix}$, ଯାହା A' ସହ ସମାନ ।

$A' = -A$

ତେଣୁ, A ଏକ ବିପ୍ରତିସମ ମାଟ୍ରିକ୍ସ ।

ଟୀକା : ଏକ ବିପ୍ରତିସମ ମାଟ୍ରିକ୍ସ $A = [a_{ij}]_{n\times n}$ ରେ $i = j$ ପାଇଁ $a_{ij} = 0$ ଅର୍ଥାତ୍ ବିପ୍ରତିସମ ମାଟ୍ରିକ୍ସର ମୁଖ୍ୟ କର୍ଣ୍ଣର ଥିବା ସମସ୍ତ ଉପାଦାନ ଶୂନ ଅଟେ ।

3.4 ଏକ ମାଟ୍ରିକ୍ସର ଅଦିଶ ଗୁଣନ (Scalar Multiplication of a Matrix)

ଆସ ନିମ୍ନଲିଖିତ ପରିସ୍ଥିତି ଉପରେ ବିଚାର କରିବା :

ତିନିଜଣ ବିଦ୍ୟାର୍ଥୀ, ଇଂରାଜୀ, ହିନ୍ଦୀ ଓ ଗଣିତରେ ରଖିଥିବା ନମ୍ବର ନିମ୍ନରେ ଦିଆଯାଇଛି ।

	ଇଂରାଜୀ	**ହିନ୍ଦୀ**	**ଗଣିତ**
ଏଲିଜାବେଥ	20	10	15
ଉଶା	22	25	27
ସବ୍‌ନମ୍	17	25	21

ଏହା ମଧ୍ୟ ଦତ୍ତ ଅଛି ଯେ, ପ୍ରତ୍ୟେକ କ୍ଷେତ୍ରରେ ଏହି ନମ୍ବର ପୂର୍ଣ୍ଣ ସଂଖ୍ୟା 30 ରୁ ମିଳିଛି । ଉପରୋକ୍ତ ସୂଚନା ମାଟ୍ରିକ୍ସ ରୂପରେ ନିମ୍ନଲିଖିତ ଭାବରେ ଲେଖାଯାଇପାରିବ ।

$\begin{bmatrix} 20 & 10 & 15 \\ 22 & 25 & 27 \\ 17 & 25 & 21 \end{bmatrix}$ (ଏହା ବୁଝାଯାଇପାରେ ଯେ, ଧାଡ଼ି ଗୁଡ଼ିକ ନାମ ସହ ଓ ସ୍ତମ୍ଭଗୁଡ଼ିକ ବିଷୟ ସହ ସମ୍ବନ୍ଧିତ ।)

ଯଦି ପ୍ରତ୍ୟେକ କ୍ଷେତ୍ରରେ, ପୂର୍ଣ୍ଣ ସଂଖ୍ୟା ଦୁଇଗୁଣିତ ହୁଏ, ତେବେ ବାଳିକା ମାନଙ୍କ ଦ୍ୱାରା ପ୍ରାପ୍ତାଙ୍କ ମଧ ଦୁଇଗୁଣ ହୋଇଯିବ । ମାଟ୍ରିକ୍ସ ରୂପରେ ଏହି ନୂତନ ନମ୍ବର ନିମ୍ନଲିଖିତ ଭାବରେ ଲେଖାଯାଇପାରେ ।

$\begin{bmatrix} 2\times 20 & 2\times 10 & 2\times 15 \\ 2\times 22 & 2\times 25 & 2\times 27 \\ 2\times 17 & 2\times 25 & 2\times 21 \end{bmatrix}$ ଯାହା $\begin{bmatrix} 40 & 20 & 30 \\ 44 & 50 & 54 \\ 34 & 50 & 42 \end{bmatrix}$ ସହ ସମାନ ।

ତେଣୁ ଆମେ ଲେଖିବା

$$2\times\begin{bmatrix} 20 & 10 & 15 \\ 22 & 25 & 27 \\ 17 & 25 & 21 \end{bmatrix} = \begin{bmatrix} 2\times 20 & 2\times 10 & 2\times 15 \\ 2\times 22 & 2\times 25 & 2\times 27 \\ 2\times 17 & 2\times 25 & 2\times 21 \end{bmatrix} = \begin{bmatrix} 40 & 20 & 30 \\ 44 & 50 & 54 \\ 34 & 50 & 42 \end{bmatrix}$$

ଏବେ ଅନ୍ୟ ଏକ ମାଟ୍ରିକ୍ସ

$$A = \begin{bmatrix} 3 & 2 \\ -2 & 0 \\ 1 & 6 \end{bmatrix}$$ ସମ୍ବନ୍ଧରେ ବିଚାର କର ।

ଆସ ଦେଖିବା ମାଟ୍ରିକ୍ସ A କୁ 5 ଦ୍ୱାରା ଗୁଣନକଲେ କ'ଣ ହୁଏ ।

ଅର୍ଥାତ୍, $$5 \times A = 5A = 5 \times \begin{bmatrix} 3 & 2 \\ -2 & 0 \\ 1 & 6 \end{bmatrix} = \begin{bmatrix} 5\times3 & 5\times2 \\ 5\times(-2) & 5\times0 \\ 5\times1 & 5\times6 \end{bmatrix} = \begin{bmatrix} 15 & 10 \\ -10 & 0 \\ 5 & 30 \end{bmatrix}$$

ଯେତେବେଳେ ଗୋଟିଏ ମାଟ୍ରିକ୍ସକୁ ଏକ ଅଦିଶ ଦ୍ୱାରା ଗୁଣନ କରିବାକୁ ପଡ଼େ, ସେତେବେଳେ ଏହାର ପ୍ରତ୍ୟେକ ଉପାଦାନକୁ ସେହି ଅଦିଶ ଦ୍ୱାରା ଗୁଣନ କରାଯାଏ ।

ଉଦାହରଣସ୍ୱରୂପ,

ଯଦି $A = \begin{bmatrix} 2 & -1 \\ 6 & 3 \end{bmatrix}$ ତେବେ $kA = \begin{bmatrix} k\times2 & k\times(-1) \\ k\times6 & k\times3 \end{bmatrix}$

$$= \begin{bmatrix} 2k & -k \\ 6k & 3k \end{bmatrix}$$

ଯେତେବେଳେ $k = -1, kA = (-1)\,A = \begin{bmatrix} -2 & 1 \\ -6 & -3 \end{bmatrix}$

ତେଣୁ $(-1)\,A = -A$

ଏହିପରି, ଯଦି $A = \begin{bmatrix} 2 & -1 \\ 6 & 3 \end{bmatrix}$ ହୁଏ, ତେବେ $-A = \begin{bmatrix} -2 & 1 \\ -6 & -3 \end{bmatrix}$,

ଉଦାହରଣ 3.8 ଯଦି $A = \begin{bmatrix} -2 & 3 & 4 \\ -1 & 0 & 1 \end{bmatrix}$, ତେବେ

ନିର୍ଣ୍ଣୟ କର :

(i) 2A (ii) $\frac{1}{2}A$ (iii) –A (iv) $\frac{2}{3}A$

ସମାଧାନ :

(i) ଏଠାରେ $2A = 2 \times \begin{bmatrix} -2 & 3 & 4 \\ -1 & 0 & 1 \end{bmatrix} = \begin{bmatrix} 2\times(-2) & 2\times3 & 2\times4 \\ 2\times(-1) & 2\times0 & 2\times1 \end{bmatrix} = \begin{bmatrix} -4 & 6 & 8 \\ -2 & 0 & 2 \end{bmatrix}$

(ii) $\frac{1}{2}A = \frac{1}{2} \times \begin{bmatrix} -2 & 3 & 4 \\ -1 & 0 & 1 \end{bmatrix} = \begin{bmatrix} \frac{1}{2}\times(-2) & \frac{1}{2}\times 3 & \frac{1}{2}\times 4 \\ \frac{1}{2}\times(-1) & \frac{1}{2}\times 0 & \frac{1}{2}\times 1 \end{bmatrix} = \begin{bmatrix} -1 & \frac{3}{2} & 2 \\ -\frac{1}{2} & 0 & \frac{1}{2} \end{bmatrix}$

(iii) $-A = (-1) \times \begin{bmatrix} -2 & 3 & 4 \\ -1 & 0 & 1 \end{bmatrix} = \begin{bmatrix} 2 & -3 & -4 \\ 1 & 0 & -1 \end{bmatrix}$

(iv) $\frac{2}{3}A = \frac{2}{3} \times \begin{bmatrix} -2 & 3 & 4 \\ -1 & 0 & 1 \end{bmatrix} = \begin{bmatrix} -\frac{4}{3} & 2 & \frac{8}{3} \\ -\frac{2}{3} & 0 & \frac{2}{3} \end{bmatrix}$

ଆସ ନିଜେ ନିଜକୁ ପରଖିବା 3.3

1. ଯଦି $A = \begin{bmatrix} 7 & 2 \\ 2 & 3 \end{bmatrix}$, ନିର୍ଣ୍ଣୟ କର :

   (a) $4A$ (b) $-A$ (c) $\frac{1}{2}A$ (d) $-\frac{3}{2}A$

2. ଯଦି $A = \begin{bmatrix} 0 & -1 & 2 \\ 3 & 1 & 4 \end{bmatrix}$, ନିର୍ଣ୍ଣୟ କର :

   (a) $5A$ (b) $-3A$ (c) $\frac{1}{3}A$ (d) $-\frac{1}{2}A$

3. ଯଦି $A = \begin{bmatrix} -1 & 0 \\ 4 & 2 \\ 0 & -1 \end{bmatrix}$,$(-7)A$ ନିର୍ଣ୍ଣୟ କର ।

4. ଯଦି $X = \begin{bmatrix} 3 & 0 & 1 \\ 4 & -2 & 0 \\ -1 & 0 & 5 \end{bmatrix}$ ନିର୍ଣ୍ଣୟ କର :

   (a) $5X$ (b) $-4X$ (c) $\frac{1}{3}X$ (d) $-\frac{1}{2}X$

5. A' (A ର ଟ୍ରାନ୍ସପୋଜ୍) ନିର୍ଣ୍ଣୟ କର :

   (a) $A = \begin{bmatrix} 2 & -1 \\ 4 & 3 \end{bmatrix}$ (b) $A = \begin{bmatrix} 4 & 10 & 9 \\ 6 & 8 & 7 \end{bmatrix}$

(c) $A = \begin{bmatrix} 1 & -2 \\ 4 & -1 \\ -6 & 9 \end{bmatrix}$ (d) $A = \begin{bmatrix} 1 & 0 & 0 \\ 0 & 1 & 0 \\ 0 & 0 & 1 \end{bmatrix}$

6. ଯେକୌଣସି ମାଟ୍ରିକ୍ସ A ପାଇଁ $(A')' = A$, ପ୍ରମାଣ କର ।

7. ଦର୍ଶାଅ ଯେ, ନିମ୍ନଲିଖିତ ପ୍ରତ୍ୟେକ ମାଟ୍ରିକ୍ସ ଗୋଟିଏ ଗୋଟିଏ ପ୍ରତିସମ ମାଟ୍ରିକ୍ସ :

(a) $\begin{bmatrix} 2 & -4 \\ -4 & 3 \end{bmatrix}$ (b) $\begin{bmatrix} 1 & -1 & 2 \\ -1 & 2 & -3 \\ 2 & -3 & 4 \end{bmatrix}$

(c) $\begin{bmatrix} a & b & c \\ b & d & e \\ c & e & f \end{bmatrix}$ (d) $\begin{bmatrix} 1 & 0 & 0 \\ 0 & 1 & 0 \\ 0 & 0 & 0 \end{bmatrix}$

8. ଦର୍ଶାଅ ଯେ, ନିମ୍ନଲିଖିତ ପ୍ରତ୍ୟେକ ମାଟ୍ରିକ୍ସ ଗୋଟିଏ ଗୋଟିଏ ବିପ୍ରତିସମ ମାଟ୍ରିକ୍ସ ।

(a) $\begin{bmatrix} 0 & -3 \\ 3 & 0 \end{bmatrix}$ (b) $\begin{bmatrix} 0 & i & 4 \\ -i & 0 & 2-i \\ -4 & -2+i & 0 \end{bmatrix}$

(c) $\begin{bmatrix} 0 & -2 & 0 \\ 2 & 0 & 4 \\ 0 & -4 & 0 \end{bmatrix}$ (d) $\begin{bmatrix} 0 & 1 & 7 \\ 1 & 0 & 5 \\ -7 & -5 & 0 \end{bmatrix}$

3.5 ମାଟ୍ରିକ୍ସମାନଙ୍କର ଯୋଗ (Addition of Matrices)

ଦୁଇ ଜଣ ଛାତ୍ର A ଓ B ଦୁଇଟି ପରୀକ୍ଷାରେ ଗଣିତ, ଭୌତିକ ବିଜ୍ଞାନ ଓ ଇଂରାଜୀରେ ପାଇଥିବା ନମ୍ବରକୁ ତୁଳନା କଲେ । ପ୍ରତି ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ପୂର୍ଣ୍ଣାଙ୍କ 50 । ସେମାନେ ପାଇଥିବା ନମ୍ବର ନିମ୍ନରେ ଦିଆଯାଇଛି ।

ପ୍ରଥମ ପରୀକ୍ଷା

ଗଣିତ ଭୌ:ବି ଇଂରାଜୀ

$\begin{matrix} A \\ B \end{matrix} \begin{bmatrix} 50 & 38 & 33 \\ 47 & 40 & 36 \end{bmatrix}$

ଦ୍ୱିତୀୟ ପରୀକ୍ଷା

ଗଣିତ ଭୌ:ବି ଇଂରାଜୀ

$\begin{matrix} A \\ B \end{matrix} \begin{bmatrix} 45 & 32 & 30 \\ 42 & 30 & 39 \end{bmatrix}$

ସେମାନେ ଏହି ଦୁଇ ପରୀକ୍ଷାରେ, ପ୍ରତ୍ୟେକ ବିଷୟରେ ମୋଟରେ କେତେ ନମ୍ବର ପାଇଛନ୍ତି ଆମେ କିପରି ନିର୍ଣ୍ଣୟ କରିବା ?

ଲକ୍ଷ୍ୟ କର, କିଭଳି ଦୁଇଟି ମାଟ୍ରିକ୍ସର ସଂଯୁକ୍ତ ସୂଚନା ନୂତନ ମାଟ୍ରିକ୍ସ ପ୍ରଦାନ କରୁଅଛି ।

$$\begin{array}{c} \\ A \\ B \end{array}\begin{array}{c}\begin{array}{ccc}\text{ଗଣିତ} & \text{ଭୌ:ବି} & \text{ଇଂରାଜୀ}\end{array} \\ \begin{bmatrix} 50+45 & 38+32 & 33+30 \\ 47+42 & 40+30 & 36+39 \end{bmatrix}\end{array} \qquad \begin{array}{c} \\ A \\ B \end{array}\begin{array}{c}\begin{array}{ccc}\text{ଗଣିତ} & \text{ଭୌ:ବି} & \text{ଇଂରାଜୀ}\end{array} \\ \begin{bmatrix} 95 & 70 & 63 \\ 89 & 70 & 75 \end{bmatrix}\end{array}$$

ନୂତନ ମାଟ୍ରିକ୍ସଟି ଦତ୍ତ ମାଟ୍ରିକ୍ସମାନଙ୍କର ସମଷ୍ଟି ।

ଯଦି ସମାନ କୋଟି ବିଶିଷ୍ଟ ଦୁଇଟି ମାଟ୍ରିକ୍ସ A ଓ B ଦିଆଯାଇଥାଏ, ତେବେ ସେମାନଙ୍କର ଯୋଗ ମାଟ୍ରିକ୍ସକୁ C ମାଟ୍ରିକ୍ସ ଦ୍ୱାରା ସଂଜ୍ଞାକୃତ କରାଯାଏ ଯଦି C ମାଟ୍ରିକ୍ସର ଉପାଦାନଗୁଡ଼ିକ ଯଥାକ୍ରମେ A ଓ B ମାଟ୍ରିକ୍ସର ଅନୁରୂପ ଉପାଦାନମାନଙ୍କର ସମଷ୍ଟି ସହ ସମାନ ହୋଇଥାଏ ଏବଂ ଆମେ ଏହିସ୍ଥଳେ $C = A + B$ ରୂପେ ଲେଖୁ ।

ଟୀକା :

1. ମାଟିକ୍ରସ୍ C ର କୋଟୀ A ଓ B ର କୋଟୀ ସହ ସମାନ ।
2. ଦୁଇଟି ଭିନ୍ନ କୋଟୀ ବିଶିଷ୍ଟ ମାଟ୍ରିକ୍ସର ଯୋଗ ସମ୍ଭବ ନୁହେଁ ।

ଉଦାହରଣ 3.9 ଯଦି $A = \begin{bmatrix} 1 & 3 \\ 4 & 2 \end{bmatrix}$ ଏବଂ $B = \begin{bmatrix} 5 & 2 \\ 1 & 0 \end{bmatrix}$, ତେବେ A + B ନିର୍ଣ୍ଣୟ କର ।

ସମାଧାନ : ଯେହେତୁ ଦିଆଯାଇଥିବା ମାଟ୍ରିକ୍ସ A ଓ B ସମାନ କୋଟି ଯୁକ୍ତ, ଅର୍ଥାତ୍ 2×2, ଆମେ ସେମାନଙ୍କୁ ଯୋଗ କରିପାରିବା । ତେଣୁ, $A + B = \begin{bmatrix} 1+5 & 3+2 \\ 4+1 & 2+0 \end{bmatrix} = \begin{bmatrix} 6 & 5 \\ 5 & 2 \end{bmatrix}$

ଉଦାହରଣ 3.10 ଯଦି $A = \begin{bmatrix} 0 & 1 & -1 \\ 2 & 3 & 0 \end{bmatrix}$ ଏବଂ $B = \begin{bmatrix} 3 & 0 & 4 \\ 1 & 2 & 1 \end{bmatrix}$ ତେବେ A + B ନିର୍ଣ୍ଣୟ କର ।

ସମାଧାନ : ଯେହେତୁ ଦତ୍ତ ମାଟ୍ରିକ୍ସ A ଓ B ସମାନ କୋଟିଯୁକ୍ତ ଅର୍ଥାତ୍ ସେ ଦ୍ୱୟର କୋଟି 2×3, ଆମେ ସେଗୁଡ଼ିକୁ ଯୋଗ କରିପାରିବା, ତେଣୁ

$$A + B = \begin{bmatrix} 0+3 & 1+0 & -1+4 \\ 2+1 & 3+2 & 0+1 \end{bmatrix}$$

$$= \begin{bmatrix} 3 & 1 & 3 \\ 3 & 5 & 1 \end{bmatrix}$$

3.5.1 ଯୋଗର ଧର୍ମ

ସ୍ମରଣ କର, ସଂଖ୍ୟାର ଯୋଗ କ୍ଷେତ୍ରରେ ଆମେ ଜାଣିଥିଲେ

(i) $x + y = y + x$, ଅର୍ଥାତ୍, ଯୋଗ କ୍ରମବିନିମୟୀ ଅଟେ ।

(ii) $x + (y + z) = (x + y) + z$, ଅର୍ଥାତ୍, ଯୋଗ ସହଯୋଗୀ ।

(iii) $x + 0 = x$, ଅର୍ଥାତ୍, ଯୋଗାତ୍ମକ ଅଭେଦର ସ୍ଥିତି ଅଛି ।

(iv) $x + (-x) = 0$, ଅର୍ଥାତ୍, ଯୋଗାତ୍ମକ ବିଲୋମୀର ସ୍ଥିତି ଅଛି ।

ଆସ ଦେଖିବା, ଏହି ଧର୍ମ ମାଟ୍ରିକ୍ସ କ୍ଷେତ୍ରରେ ମଧ୍ୟ ସମ୍ଭବ ବା ନୁହଁ :

ମନେକର $A = \begin{bmatrix} 1 & 2 \\ -1 & 3 \end{bmatrix}$ ଏବଂ $B = \begin{bmatrix} 0 & -2 \\ 1 & 3 \end{bmatrix}$, ତେବେ

$$A + B = \begin{bmatrix} 1+0 & 2-2 \\ -1+1 & 3+3 \end{bmatrix} = \begin{bmatrix} 1 & 0 \\ 0 & 6 \end{bmatrix}$$

ଏବଂ $B + A = \begin{bmatrix} 0+1 & -2+2 \\ 1+(-1) & 3+3 \end{bmatrix} = \begin{bmatrix} 1 & 0 \\ 0 & 6 \end{bmatrix}$

ଆମେ ଦେଖିଲେ, $A + B$ ଓ $B + A$ ସମାନ ମାଟ୍ରିକ୍ସ ଅଟନ୍ତି ।

ଏହିପରି, ସାଧାରଣତଃ ସମାନ କୋଟି ବିଶିଷ୍ଟ ଦୁଇଟି ମାଟ୍ରିକ୍ସ A ଓ B ପାଇଁ $A + B = B + A$, ଅର୍ଥାତ୍ ମାଟ୍ରିକ୍ସର ଯୋଗ କ୍ରମ ବିନିମୟୀ ।

ମନେକର $A = \begin{bmatrix} 0 & 3 \\ -2 & 1 \end{bmatrix}$, $B = \begin{bmatrix} 1 & -4 \\ 0 & 2 \end{bmatrix}$ ଏବଂ $C = \begin{bmatrix} 1 & 0 \\ 2 & 3 \end{bmatrix}$

ତେବେ $A + (B + C) = \begin{bmatrix} 0 & 3 \\ -2 & 1 \end{bmatrix} + \begin{bmatrix} 1+1 & -4+0 \\ 0+2 & 2+3 \end{bmatrix}$

$$= \begin{bmatrix} 0 & 3 \\ -2 & 1 \end{bmatrix} + \begin{bmatrix} 2 & -4 \\ 2 & 5 \end{bmatrix}$$

$$= \begin{bmatrix} 0+2 & 3+(-4) \\ -2+2 & 1+5 \end{bmatrix}$$

$$= \begin{bmatrix} 2 & -1 \\ 0 & 6 \end{bmatrix}$$

ଏବଂ $(A+B)+C=\begin{bmatrix} 0+1 & 3+(-4) \\ -2+0 & 1+2 \end{bmatrix}+\begin{bmatrix} 1 & 0 \\ 2 & 3 \end{bmatrix}$

$$=\begin{bmatrix} 1 & -1 \\ -2 & 3 \end{bmatrix}+\begin{bmatrix} 1 & 0 \\ 2 & 3 \end{bmatrix}$$

$$=\begin{bmatrix} 1+1 & -1+0 \\ -2+2 & 3+3 \end{bmatrix}$$

$$=\begin{bmatrix} 2 & -1 \\ 0 & 6 \end{bmatrix}$$

ଆମେ ଦେଖିଲେ, A + (B + C) ଏବଂ (A + B) + C ସମାନ ମାଟ୍ରିକ୍ସ ଅଟନ୍ତି ।

ଏହିପରି, ସାଧାରଣତଃ ସମାନକୋଟି ବିଶିଷ୍ଟ ତିନିଗୋଟି ମାଟ୍ରିକ୍ସ A, B ଓ C ପାଇଁ A + (B + C) = (A + B) + C, ଅର୍ଥାତ୍, ମାଟ୍ରିକ୍ସର ଯୋଗ ସହଯୋଗୀ ନୀୟମ ପାଳନ କରେ ।

ମନେପକାଅ, ଆମେ ଶୂନ ମାଟ୍ରିକ୍ସ ବିଷୟରେ ଆଲୋଚନା କରିଥିଲେ । ଯାହାର ସମସ୍ତ ଉପାଦାନ ଶୂନ ତାହାକୁ ଶୂନ ମାଟ୍ରିକ୍ସ କୁହାଯାଏ । ଏହା ଯେକୌଣସି କୋଟି ବିଶିଷ୍ଟ ହୋଇପାରେ ।

ମନେକର $A=\begin{bmatrix} 2 & -2 \\ 4 & 5 \end{bmatrix}$ ଓ ତେବେ $O=\begin{bmatrix} 0 & 0 \\ 0 & 0 \end{bmatrix}$

$$A+O=\begin{bmatrix} 2+0 & -2+0 \\ 4+0 & 5+0 \end{bmatrix}=\begin{bmatrix} 2 & -2 \\ 4 & 5 \end{bmatrix}=A$$

ଏବଂ $O+A=\begin{bmatrix} 0+2 & 0-2 \\ 0+4 & 0+5 \end{bmatrix}=\begin{bmatrix} 2 & -2 \\ 4 & 5 \end{bmatrix}=A$

ଆମେ ଦେଖିଲେ, A + O ମାଟ୍ରିକ୍ସ ପ୍ରତ୍ୟେକ A ସହ ସମାନ ।

ଏହିପରି, ଆମେ ପାଇବା A + O = A = O + A, ଯେଉଁଠି O ଏକ ଶୂନ୍ୟ ମାଟ୍ରିକ୍ସ ଅଟେ ।

ଏକ ଶୂନ-ମାଟ୍ରିକ୍ସ O କୁ ଯୋଗାତ୍ମକ ଅଭେଦ କୁହାଯାଏ ।

ଯୋଗାତ୍ମକ ଅଭେଦ ଏକ ଶୂନ-ମାଟ୍ରିକ୍ସ ଯାହାକୁ ଗୋଟିଏ ଦତ୍ତ ମାଟ୍ରିକ୍ସ ସହ ଯୋଗ କଲେ ସେହି ଦତ୍ତ ମାଟ୍ରିକ୍ସ ମିଳେ, ଅର୍ଥାତ୍ A + O = A = O + A

ଉଦାହରଣ 3.11 ଯଦି $A=\begin{bmatrix} 2 & 0 \\ 1 & 3 \end{bmatrix}$, $B=\begin{bmatrix} -3 & 1 \\ 1 & 2 \end{bmatrix}$ ଏବଂ $C=\begin{bmatrix} -1 & 0 \\ 0 & 3 \end{bmatrix}$, ତେବେ ନିର୍ଣ୍ଣୟ କର :

(a) $A + B$ (b) $B + C$ (c) $(A + B) + C$ (d) $A + (B + C)$

ସମାଧାନ :

(a) $A+B=\begin{bmatrix}2 & 0\\1 & 3\end{bmatrix}+\begin{bmatrix}-3 & 1\\1 & 2\end{bmatrix}$

$=\begin{bmatrix}2+(-3) & 0+1\\1+1 & 3+2\end{bmatrix}=\begin{bmatrix}-1 & 1\\2 & 5\end{bmatrix}$

(b) $B+C=\begin{bmatrix}-3 & 1\\1 & 2\end{bmatrix}+\begin{bmatrix}-1 & 0\\0 & 3\end{bmatrix}$

$=\begin{bmatrix}(-3)+(-1) & 1+0\\1+0 & 2+3\end{bmatrix}=\begin{bmatrix}-4 & 1\\1 & 5\end{bmatrix}$

(c) $(A+B)+C=\begin{bmatrix}-1 & 1\\2 & 5\end{bmatrix}+\begin{bmatrix}-1 & 0\\0 & 3\end{bmatrix}$... [(a) ରୁ]

$=\begin{bmatrix}(-1)+(-1) & 1+0\\2+0 & 5+3\end{bmatrix}=\begin{bmatrix}-2 & 1\\2 & 8\end{bmatrix}$

(d) $A+(B+C)=\begin{bmatrix}2 & 0\\1 & 3\end{bmatrix}+\begin{bmatrix}-4 & 1\\1 & 5\end{bmatrix}$ ...[(b) ରୁ]

$=\begin{bmatrix}2+(-4) & 0+1\\1+1 & 3+5\end{bmatrix}=\begin{bmatrix}-2 & 1\\2 & 8\end{bmatrix}$

ଉଦାହରଣ 3.12 ଯଦି $A=\begin{bmatrix}-2 & 3 & 5\\1 & -1 & 0\end{bmatrix}$ ଏବଂ $O=\begin{bmatrix}0 & 0 & 0\\0 & 0 & 0\end{bmatrix}$

ତେବେ (a) A + O (b) O + A ନିର୍ଣ୍ଣୟ କର

ତୁମେ କ'ଣ ଦେଖୁଛ ?

ସମାଧାନ : (a) $A+O=\begin{bmatrix}-2 & 3 & 5\\1 & -1 & 0\end{bmatrix}+\begin{bmatrix}0 & 0 & 0\\0 & 0 & 0\end{bmatrix}$

$$=\begin{bmatrix}-2+0 & 3+0 & 5+0\\ 1+0 & -1+0 & 0+0\end{bmatrix}=\begin{bmatrix}-2 & 3 & 5\\ 1 & -1 & 0\end{bmatrix}$$

(b) $$O+A=\begin{bmatrix}0 & 0 & 0\\ 0 & 0 & 0\end{bmatrix}+\begin{bmatrix}-2 & 3 & 5\\ 1 & -1 & 0\end{bmatrix}$$

$$=\begin{bmatrix}0+(-2) & 0+3 & 0+5\\ 0+1 & 0+(-1) & 0+0\end{bmatrix}=\begin{bmatrix}-2 & 3 & 5\\ 1 & -1 & 0\end{bmatrix}$$

(a) ଏବଂ (b) ରୁ ଆମେ ଦେଖୁଛୁ ଯେ,

A + O = O + A = A

3.6 ମାଟ୍ରିକ୍ସମାନଙ୍କର ବିୟୋଗ (Subtraction of Matrices)

ମନେକର, ସମାନ କୋଟି ବିଶିଷ୍ଟ ଦୁଇଟି ମାଟ୍ରିକ୍ସ A ଓ B । A ରୁ B କୁ ବିୟୋଗ କରିବାକୁ ମାଟ୍ରିକ୍ସ A – B ରୂପେ ସଂଜ୍ଞାକୃତ କରାଯାଏ । A ର ଉପାଦାନ ମାନଙ୍କ ଠାରୁ B ର ଅନୁରୂପ ଉପାଦାନକୁ ବିୟୋଗ କଲେ, A – B ମିଳେ ।

ଆମେ ଲେଖିପାରିବା A – B = A + (–B)

ଟୀକା : A – B ଓ B – A ସମାନ ମାଟ୍ରିକ୍ସକୁ ସୂଚାଏ ନାହିଁ, ଯେତେବେଳ ପର୍ଯ୍ୟନ୍ତ A = B ନ ହୋଇଛି ।

ଉଦାହରଣ 3.13 ଯଦି $A=\begin{bmatrix}1 & 0\\ 2 & -1\end{bmatrix}$ ଏବଂ $B=\begin{bmatrix}3 & 2\\ 1 & 4\end{bmatrix}$, ତେବେ ନିର୍ଣ୍ଣୟ କର :

(a) A – B (b) B – A

ସମାଧାନ : (a) ଆମେ ଜାଣୁ A – B = A + (–B) ...(i)

ଯେହେତୁ $B=\begin{bmatrix}3 & 2\\ 1 & 4\end{bmatrix}$, ଆମେ ପାଇବା $-B=\begin{bmatrix}-3 & -2\\ -1 & -4\end{bmatrix}$

ଏହାକୁ (i) ରେ ପ୍ରତିସ୍ଥାପନ କଲେ ପାଇବା

$$A-B=\begin{bmatrix}1 & 0\\ 2 & -1\end{bmatrix}+\begin{bmatrix}-3 & -2\\ -1 & -4\end{bmatrix}$$

$$=\begin{bmatrix}1+(-3) & 0+(-2)\\ 2+(-1) & (-1)+(-4)\end{bmatrix}=\begin{bmatrix}-2 & -2\\ 1 & -5\end{bmatrix}$$

(b) ସେହି ପ୍ରକାରେ,

B – A = B + (–A)

$$B-A=\begin{bmatrix}3 & 2\\ 1 & 4\end{bmatrix}+\begin{bmatrix}-1 & 0\\ -2 & 1\end{bmatrix}$$

$$=\begin{bmatrix}3+(-1) & 2+0\\ 1+(-2) & 4+1\end{bmatrix}=\begin{bmatrix}2 & 2\\ -1 & 5\end{bmatrix}$$

ମନ୍ତବ୍ୟ : A – B ପାଇବା ପାଇଁ, ଆମେ A ର ଉପାଦାନମାନଙ୍କରୁ Bର ଅନୁରୂପ ଉପାଦାନଗୁଡ଼ିକୁ ସିଧା ସଳଖ ବିୟୋଗ କରି ପାରିବା ।

ଏହିପରି $A-B=\begin{bmatrix}1-3 & 0-2\\ 2-1 & -1-4\end{bmatrix}=\begin{bmatrix}-2 & -2\\ 1 & -5\end{bmatrix}$

ଏବଂ $B-A=\begin{bmatrix}3-2 & 2-0\\ 1-2 & 4-(-1)\end{bmatrix}=\begin{bmatrix}2 & 2\\ -1 & 5\end{bmatrix}$

ଉଦାହରଣ 3.14 A ଓ B କୁ ନିମ୍ନ ରୂପେ ସଂଜ୍ଞାକୃତ କରି ନିର୍ଣ୍ଣୟ କର : (a) A – B (b) B – A

$$A=\begin{bmatrix}2 & 4\\ 5 & 7\\ -1 & 4\end{bmatrix},\ B=\begin{bmatrix}0 & 3\\ 5 & -2\\ 3 & 1\end{bmatrix}$$

ସମାଧାନ : (a) $A-B=\begin{bmatrix}2 & 4\\ 5 & 7\\ -1 & 4\end{bmatrix}-\begin{bmatrix}0 & 3\\ 5 & -2\\ 3 & 1\end{bmatrix}$

$$=\begin{bmatrix}2-0 & 4-3\\ 5-5 & 7-(-2)\\ -1-3 & 4-1\end{bmatrix}=\begin{bmatrix}2 & 1\\ 0 & 9\\ -4 & 3\end{bmatrix}$$

(b) $B-A=\begin{bmatrix}0 & 3\\ 5 & -2\\ 3 & 1\end{bmatrix}-\begin{bmatrix}2 & 4\\ 5 & 7\\ -1 & 4\end{bmatrix}$

$$=\begin{bmatrix}0-2 & 3-4\\ 5-5 & -2-7\\ 3-(-1) & 1-4\end{bmatrix}=\begin{bmatrix}-2 & -1\\ 0 & -9\\ 4 & -3\end{bmatrix}$$

ମନ୍ତବ୍ୟ : ଉପରୋକ୍ତ ଉଦାହରଣରୁ ଆମେ ଏ ସିଦ୍ଧାନ୍ତରେ ଉପନୀତ ହେବା ଯେ, ମାଟ୍ରିକ୍ସର ବିୟୋଗ ପ୍ରକ୍ରିୟା କ୍ରମବିନିମୟୀ ନୁହେଁ ।

ଉଦାହରଣ 3.15 ଯଦି $A=\begin{bmatrix}2 & 3\\ -1 & 4\end{bmatrix}, B=\begin{bmatrix}a & b\\ c & d\end{bmatrix}$ ଏବଂ A + B = O ହୁଏ, B ନିର୍ଣ୍ଣୟ କର ।

ସମାଧାନ : ଏଠାରେ ଦତ୍ତ ଅଛି A + B = O

$$\therefore \begin{bmatrix}2 & 3\\ -1 & 4\end{bmatrix}+\begin{bmatrix}a & b\\ c & d\end{bmatrix}=\begin{bmatrix}0 & 0\\ 0 & 0\end{bmatrix}$$

$$\Rightarrow \begin{bmatrix}2+a & 3+b\\ -1+c & 4+d\end{bmatrix}=\begin{bmatrix}0 & 0\\ 0 & 0\end{bmatrix}$$

$$\Rightarrow 2 + a = 0; \quad 3 + b = 0$$

$$-1 + c = 0; \quad 4 + d = 0$$

$\Rightarrow a = -2; b = -3; c = 1$ ଏବଂ $d = -4$

$$\therefore B=\begin{bmatrix}a & b\\ c & d\end{bmatrix}=\begin{bmatrix}-2 & -3\\ 1 & -2\end{bmatrix}$$

ମନ୍ତବ୍ୟ : ଉଦାହରଣ 3.15 ରେ, B ର ଉପାଦାନ ଗୁଡ଼ିକ A ର ଅନୁରୂପ ଉପାଦାନଗୁଡ଼ିକର ଯୋଗାତ୍ମକ ବିଲୋମୀ । ଆମେ ତେଣୁ B କୁ ମାଟ୍ରିକ୍ସ A ର ଯୋଗାତ୍ମକ ବିଲୋମୀ ବୋଲି କହିବା ।

$$B=\begin{bmatrix}-2 & -3\\ 1 & 4\end{bmatrix}=(-1)\times\begin{bmatrix}2 & 3\\ -1 & 4\end{bmatrix}=(-1)A=-A$$

ପୁନଶ୍ଚ

ସାଧାରଣ ଭାବରେ, ଏକ ଦତ୍ତ ମାଟ୍ରିକ୍ସ A ପାଇଁ ଅନ୍ୟ ଏକ ମାଟ୍ରିକ୍ସ B = (–1) A ଅଛି, ଯେପରିକି A + B = O, ତେବେ ଏହି ମାଟ୍ରିକ୍ସ B କୁ A ର ଯୋଗାତ୍ମକ ବିଲୋମୀ (Additive inverse) କୁହାଯାଏ ।

ଆସ ନିଜେ ନିଜକୁ ପରଖିବା 3.4

1. ଯଦି $A=\begin{bmatrix}3 & -1\\ 5 & 2\end{bmatrix}$ ଏବଂ $B=\begin{bmatrix}0 & -1\\ 3 & 2\end{bmatrix}$, ତେବେ ନିର୍ଣ୍ଣୟ କର :

   (a) A + B (b) 2A + B (c) A+ 3B (d) 2A + 3B

